بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୮ ଫେବୃଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

## ଖୈବର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଓଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱରଅ.ବ କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଜୀବନୀର ପ୍ରାସଙ୍ଗିକତାରେ ଖୈବର୍ ଯୁଦ୍ଧରେ ମହାଭାଗଙ୍କର ଭୂମିକା କ'ଣ ରହିଥିଲା, ତାହାର ଚର୍ଚ୍ଚା ଚାଲିଥିଲା । ଯୁଦ୍ଧ ପରେ ୟହୁଦିଙ୍କ ତରଫରୁ ପୁଣ୍ୟଶ୍ଳୋକଙ୍କୁ ହତ୍ୟା କରିବାର ମଧ୍ୟ ଚକ୍ରାନ୍ତ ଓ ଉଦ୍ୟମ କରାଯାଇଥିଲା ଏବଂ ଛେଳି ମାଂସରେ ବିଷ ମିଶାଇ ଖାଇବା ପାଇଁ ଦିଆଯାଇଥିଲା । ଏହାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ଯେତେବେଳେ ମୁସଲମାନମାନେ ଖୈବର୍ ଜୟ କରିନେଲେ ଏବଂ ୟହୁଦିମାନେ ଅତି ଶୋଚନୀୟ ଭାବରେ ପରାଜିତ ହେବା ପରେ ମଧ୍ୟ ସେମାନେ ଦୟା ଓ କରୁଣାର ସାଗର ପବିତ୍ର ଅବତାରଙ୍କ ଦ୍ୱାରା ଉପକୃତ ହେଲେ । ମହାଭାଗ ସେମାନଙ୍କୁ କେବଳ କ୍ଷମା କରିଦେଲେ ନାହିଁ ବରଂ ସେମାନଙ୍କୁ ସ୍ୱଗୃହରେ ରହିବାକୁ ଅନୁମତି ମଧ୍ୟ ପ୍ରଦାନ କରିଥିଲେ । ଆଉ ଯେତେବେଳେ ସଭିଏଁ ଆଶ୍ୱସ୍ତ ହୋଇଗଲେ ସେତେବେଳେ ୟହୁଦିମାନଙ୍କ ସରଦାର ସଲାମ୍ ବିନ୍ ମୁଶକମ୍‌ଙ୍କ ପତ୍ନୀ ଜୈନବ୍ ବିନତ୍ ହାରିସ୍ ନବୀଶ୍ରେଷ୍ଠ ସେବାରେ ଉପସ୍ଥିତ ହୋଇ (ସୁସ୍ୱାଦ) ମାଂସ ବ୍ୟଞ୍ଜନ ପେସ୍ କଲେ ଏବଂ କହିଲେ; ମୁଁ ମହାଭାଗଙ୍କ ସକାଶେ ଏହା ଉପହାର ସ୍ୱରୂପ ଆଣିଛି । ଏହି ଷଡଯନ୍ତ୍ରରେ ସେ ଏକାକୀ (ମହିଳା) ସାମିଲ ନଥିଲେ, ବରଂ ଅନ୍ୟ କିଛି ଲୋକ ମଧ୍ୟ ସାମିଲ ଥିଲେ ।

ହୁଜୁର ସ.ଅଙ୍କ ଅନୁମତି କ୍ରମେ ସେହି ବ୍ୟଞ୍ଜନ ତାଙ୍କ ସାମନାରେ ପେସ କରାଗଲା ଏବଂ ସେହିସ୍ଥଳେ ହଜରତ ବିଶର୍ ବିନ୍ ବରାର.ଅ ମଧ୍ୟ ଆଉ କେତେକ ସାହାବାଙ୍କ ସହିତ ଉପସ୍ଥିତ ଥିଲେ । ମହାଭାଗ ସେଥି ମଧ୍ୟରୁ ଏକ ମାଂସ ଟୁକୁଡ଼ା ନେଇ କିଛି ସେବନ କଲେ । ସେଥିଅନ୍ତେ ସହସା (ସାହାବାମାନଙ୍କୁ) କହିଲେ; ଏହି (ଖାଦ୍ୟ ସେବନ କରିବାରୁ) ନିଜ ହସ୍ତ ଫେରାଇନିଅ । କାରଣ ଏହି ମାଂସ ଦର୍ଶାଉଛି ଯେ, ଏଥିରେ ବିଷ ମିଶା ଯାଇଛି । ହଜରତ ବିଶର୍ ବିନ୍ ବରାର.ଅ ବର୍ଣ୍ଣନା କରନ୍ତି; ଯେତେବେଳେ ମୁଁ ତାହାକୁ ସେବନ କଲି ସେତେବେଳେ ମୋତେ କିଛି ଅନୁଭୂତ ହୋଇଥିଲା । କିନ୍ତୁ ମୁଁ ଏଥି ସକାଶେ କିଛି କହିଲି ନାହିଁ, ଯେ ଏତଦ୍ ଦ୍ୱାରା ହୁଜୁର ସ.ଅଙ୍କ ଖାଇବାରେ ବିଘ୍ନ ଘଟିବ । କିନ୍ତୁ ଯେତେବେଳେ ମହାଭାଗ ଖାଦ୍ୟ ଟୁକୁଡ଼ା ସେବନ କଲେ ସେତେବେଳେ ମୁଁ ନିଜ ଅପେକ୍ଷା ହୁଜୁର ସ.ଅଙ୍କ ସକାଶେ ଅଧିକ ଚିନ୍ତିତ ଥିଲି । କିନ୍ତୁ ହୁଜୁର ସ.ଅଙ୍କର ଖାଦ୍ୟ ଟୁକୁଡ଼ା ଓଗାଳି ଦେବା ଦେଖି ମୁଁ ପ୍ରସନ୍ନିତ ହୋଇଗଲି । ତେବେ ହଜରତ ବିଶର୍ ଏଯାବତ୍ ନିଜ ଆସନରୁ ଉଠି ନଥିଲେ ଯେ, ତାଙ୍କ ଶରୀରର ବର୍ଣ୍ଣ ପରିବର୍ତ୍ତନ ହେବା ଆରମ୍ଭ ହେଲା ଏବଂ ସେ ଏପରି ବ୍ୟାଧିରେ ଆକ୍ରାନ୍ତ ହେଲେ ଯେ, ନିଜ ଚେଷ୍ଟାରେ କଡ ବଦଳାଇ ପାରୁ ନଥିଲେ । ସେଥିଅନ୍ତେ ପାଖାପାଖି ଏକ ବର୍ଷ ପରେ ତାଙ୍କର ନିଧନ ହେଲା । କେତେକ ବର୍ଣ୍ଣନାନୁଯାୟୀ (ସେହି ବିଷର ପ୍ରଭାବରେ) ହଜରତ ବିଶର୍ ନିଜ ବସିବା ସ୍ଥାନରୁ ଉଠିବାର ମଧ୍ୟ ସାମର୍ଥ୍ୟ ହରାଇ ଦେଇଥିଲେ । ତେବେ ହୁଜୁରସ.ଅ ଜୈନକ ମହିଳାଙ୍କୁ ଡ଼କାଇଲେ ଏବଂ ପଚାରିଲେ ତୁମକୁ ଏପରି ଜଘନ୍ୟ କାର୍ଯ୍ୟ କରିବାକୁ କିଏ କହିଥିଲା ? ସେ ଉତ୍ତର ଦେଲା ମୁଁ ଏହା ଚିନ୍ତା କଲି ଯେ, ଯଦି ଆପଣ କେବଳ ଜଣେ ସମ୍ରାଟ ହୋଇଥିବେ ତେବେ

ଆମେମାନେ ଆପଣଙ୍କ କବଳ (ଅତ୍ୟାଚାର)ରୁ ମୁକ୍ତି ପାଇଯିବୁ । ଆଉ ଯଦି ଆପଣ ଅବତାର ହୋଇଥିବେ ତେବେ ଏହାର ସୂଚନା ଆପଣଙ୍କୁ ପ୍ରାପ୍ତ ହୋଇଯିବ । ଏପରି ଉନ୍ମୁଳ କାଣ୍ଡ ଭିଆଇବା ସତ୍ତ୍ୱେ ମହାଭାଗ ସମ୍ପୃକ୍ତ ମହିଳା ସହିତ ନମ୍ର ଆଚରଣ କଲେ । ଯେତେବେଳେକି ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ବିଶର୍ ର.ଅଙ୍କ ଶହିଦ୍ ହେବା ପରେ ସେହି ମହିଳାକୁ ହତ୍ୟା କରିଦିଆ ଯାଇଥିଲା । ସହି ବୁଖାରୀର ଏକ ବର୍ଣ୍ଣନାନୁଯାୟୀ ସେହି ମହିଳାକୁ ହତ୍ୟା କରାଯାଇ ନଥିଲା ।

ସହି ବୁଖାରୀରେ ହଜରତ ଆଏଶା ର.ଅଙ୍କର ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଶଯ୍ୟାସାୟୀ ଅବସ୍ଥାରେ କହୁଥିଲେ; ହେ ଆଏଶା ! ମୁଁ ସେହି (ବିଷାକ୍ତ) ଖାଦ୍ୟ ଜନିତ ବେଦନା ଯାହାକି ମୁଁ ଖୈବର୍ ବିଜୟ ଉପରାନ୍ତେ ସେବନ କରିଥିଲି ସର୍ବଦା ଅନୁଭବ (ଭୋଗ) କରୁଅଛି । ଏବେ ମଧ୍ୟ ମୁଁ ସେହି ବିଷର ପ୍ରଭାବରେ ନିଜ ଶିରାପ୍ରଶିରା କଟିଗଲା ପରି ଅନୁଭବ କରୁଅଛି । କେତେକ ଇତିହାସବିତ୍ ଏଥିସକାଶେ ନବୀଶ୍ରେଷ୍ଠଙ୍କ ସଂକ୍ରାନ୍ତରେ କହନ୍ତି, ହୁଜୁର ସ.ଅଙ୍କ ଦେହାନ୍ତ ଖୈବର୍‌ର ସେହି ବିଷାକ୍ତ ଖାଦ୍ୟ ଯୋଗୁଁ ଘଟିଲା ଏବଂ ଏପରି ନବୀଶ୍ରେଷ୍ଠ ଶହିଦ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଆଉ ଆପଣସ.ଅ ହେଉଛନ୍ତି ସର୍ବଶ୍ରେଷ୍ଠ ଶହିଦ୍ । ମହାମହିମ ହୁଜୁର ଅନୱରଅ.ବ କହିଲେ; **ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ସକାଶେ ଏପରି ପରିଭାଷା କରିବାର କୌଣସି ଆବଶ୍ୟକତା ନାହିଁ ।** ଜଣେ ଅବତାର ତ ସେହି ଉଚ୍ଚାସନ ଓ ପଦମର୍ଯ୍ୟାଦାର ଅଧିକାରୀ ଯେ ସେ ଏକାଧାରାରେ ସିଦ୍ଦିକ୍ (ସତ୍ୟବାଦୀ) ମଧ୍ୟ ହୋଇଥାନ୍ତି, ଶହିଦ୍ ମଧ୍ୟ ହୋଇଥାନ୍ତି । ପୁନଶ୍ଚ ୟହୁଦିମାନେ ତ ସେହି ବିଷର କୁପ୍ରଭାବରୁ ରକ୍ଷା ପାଇବାର ଚମ୍ତ୍କାର ସ୍ୱଚକ୍ଷୁରେ ଅବଲୋକନ କରିବା ସହିତ ଏହା ହୃଦୟଙ୍ଗମ ମଧ୍ୟ କରିଥିଲେ ଯେ, ହଜରତ ମୁହମ୍ମଦସ.ଅ ଆଦୌଁ ଜଣେ ମିଥ୍ୟାବାଦୀ ଅବତାର ନୁହନ୍ତି । କିନ୍ତୁ କେତେକ ସରଳ ଓ ଅଶିକ୍ଷିତ ମୁସଲମାନ ସେହି ବିଷ ଦ୍ୱାରା ହୁଜୁର ସ.ଅଙ୍କ ଶହିଦ୍ ହେବା ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥାନ୍ତି । **ପୁଣ୍ୟଶ୍ଳୋକଙ୍କ ଦେହାନ୍ତ କଦାପି ସେହି ବିଷାକ୍ତ ଖାଦ୍ୟ ଦ୍ୱାରା ହୋଇ ନଥିଲା ।** ତାହା ଦ୍ୱାରା ହୁଜୁର ସ.ଅଙ୍କୁ ଯେଉଁ କଷ୍ଟ ପହଞ୍ଚି ଥିଲା (ହଦିସ୍ ପୁସ୍ତକରେ) ମାତ୍ର ତାହା ହିଁ ବର୍ଣ୍ଣନା କରାଯାଇଛି ।

ଖୈବର୍ ଯୁଦ୍ଧ ଅବସରରେ ହଜରତ ସଫିୟା ର.ଅଙ୍କ ବିବାଘରର ବର୍ଣ୍ଣନା ମଧ୍ୟ ଉଲ୍ଲେଖ ରହିଛି । ଖୈବର୍ ସ୍ଥଳେ ଯେତେବେଳେ ଅମାନ୍ୟକାରୀ କଏଦୀମାନଙ୍କୁ ଏକତ୍ରୀତ କରାଗଲା ସେତେବେଳେ ହଜରତ ଦହିୟା ହୁଜୁର ସ.ଅଙ୍କ ଅନୁମତିକ୍ରମେ ହୈଇ ବିନ୍ ଅଖତବ୍‌ର କନ୍ୟା ହଜରତ ସଫିୟା ର.ଅଙ୍କୁ (ସାଥିରେ) ନେଇଗଲେ । ଏଥିରେ ଜଣେ ବ୍ୟକ୍ତି ହୁଜୁର ସ.ଅଙ୍କ ନିକଟକୁ ଆସି କହିଲେ; ହୈଇ ବିନ୍ ଅଖତବ୍‌ର କନ୍ୟା ତ ବନୁ ନଜିର୍‌ର ରାଜକନ୍ୟା ଏବଂ ସେ ନବୀଶ୍ରେଷ୍ଠଙ୍କ ବ୍ୟତୀତ ଅନ୍ୟ କାହାରି ପାଇଁ ଉପଯୁକ୍ତ ନୁହନ୍ତି । ଏଥିରେ ହୁଜୁରସ.ଅ କହିଲେ; ତାଙ୍କୁ ଡ଼ାକି ଆଣ ତତ୍‌ପଶ୍ଚାତ ମହାଭାଗ ହଜରତ ଦହିୟା ର.ଅଙ୍କୁ କହିଲେ, ସଫିୟାଙ୍କୁ ଛାଡ଼ି ତୁମେ ଅନ୍ୟ କାହାରିକୁ ନେଇଯାଅ । ହଜରତ ଅନସ୍ ବର୍ଣ୍ଣନା କରନ୍ତି; ପୁଣ୍ୟଶ୍ଳୋକ ହଜରତ ସଫିୟା ର.ଅଙ୍କୁ ସ୍ୱାଧୀନ କରିଦେଲେ । ମସନଦ୍ ଅହେମଦ ବିନ୍ ହମ୍ବଲ୍ (ହଦିସ୍)ର ବର୍ଣ୍ଣନାନୁଯାୟୀ ହୁଜୁରସ.ଅ ହଜରତ ସଫିୟା ର.ଅଙ୍କୁ ସ୍ୱାଧୀନ କରିବା ସମୟରେ କହିଲେ; ମୁଁ ତୁମକୁ ସ୍ୱାଧୀନ କରୁଅଛି, ଏବେ ତୁମେ ଇଚ୍ଛା କଲେ ମୋ ସହିତ ବିବାହ କରିପାର ଅଥବା ନିଜ କବିଲା ଆଡ଼କୁ ଫେରି ଯାଇପାର । **ଏଥିରେ ହଜରତ ସଫିୟା ମହାଭାଗଙ୍କୁ ବିବାହ କରିବା (ପ୍ରସ୍ତାବ)କୁ ପସନ୍ଦ କଲେ ।**

ଖୈବର୍‌ର ସମସ୍ତ ମାମଲା ସମାଧାନ କରିବା ପରେ ନବୀଶ୍ରେଷ୍ଠ ସେଠାରୁ ପ୍ରସ୍ଥାନ କଲେ ଏବଂ ୬ମାଇଲ୍ ଦୂରତା ଅତିକ୍ରମ କରିବା ପରେ ମହାଭାଗ ଅବସ୍ଥାନ କରିବାକୁ ଇଚ୍ଛା ପ୍ରକାଶ କଲେ । ଯଦ୍ୱାରା ହଜରତ ସଫିୟା ର.ଅଙ୍କର ବିବାହ (ବିଧି) ସମ୍ପନ୍ନ ହୋଇପାରିବ । କିନ୍ତୁ ହଜରତ ସଫିୟାର.ଅ ଯାତ୍ରା ଜାରି ରଖିବାକୁ ମତ ପ୍ରକାଶ କରିବାରୁ, ସେହିପରି ହିଁ କରାଗଲା । ପାଖାପାଖି ୧୨ମାଇଲ୍ ଯାତ୍ରା କରିବା ପରେ ମୁସଲମାନମାନେ ଅବସ୍ଥାନ କରିଥିଲେ ଏବଂ ସେହିସ୍ଥଳେ ସଫିୟା ର.ଅଙ୍କର ବିବାହ ସମ୍ପନ୍ନ ହୋଇଥିଲା । ହଜରତ ସଫିୟାର.ଅ ବର୍ଣ୍ଣନା କରନ୍ତି, ମହାଭାଗ ଖୈବର୍‌ର ଖୁବ୍ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥାନ କରିବାକୁ ଚାହୁଁଥିଲେ । କିନ୍ତୁ ମୋତେ ଭୟ ଘାରିଲା

ଯେ, ମୋର ଜାତିର ଲୋକେ ଆପଣଙ୍କର କୌଣସି ଅନିଷ୍ଟ ସାଧିତ କରି ନଦିଅନ୍ତୁ । ତେଣୁ ମୁଁ ସେଠାରେ ଅବସ୍ଥାନ କରିବା ପରିବର୍ତ୍ତେ (ଖୈବର୍ ଠାରୁ) ଅଧିକ ବ୍ୟବଧାନରେ ଅଟକିବାକୁ ନିବେଦନ କଲି । **ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଆଚରଣର ପ୍ରଭାବ ଥିଲା ଯଦ୍ଦ୍ୱାରା ହଜରତ ସଫିୟା ର.ଅଙ୍କୁ ସମଗ୍ର ଜଗତରେ ହୁଜୁର ସ.ଅଙ୍କ ଠାରୁ ବଳି ଅନ୍ୟ କିଛି ପ୍ରିୟ ନଥିଲା ।**

ହଜରତ ଅବୁ ଅୟୁବ୍ ଅନସାରୀର.ଅ ସେଦିନ ରାତିରେ ହୁଜୁର ସ.ଅଙ୍କ ଶିବିର ବାହାରେ ପହରା ଦେଲେ ଏବଂ ତାଙ୍କର ସେହି ନିଷ୍ଠାପୂର୍ଣ୍ଣ ପ୍ରେମ ଓ ଅନୁରାଗ ଯୋଗୁଁ ହୁଜୁରସ.ଅ ତାଙ୍କୁ ଦୁଆ (ଆର୍ଶୀବାଦ) ଦେବାର ମଧ୍ୟ ବର୍ଣ୍ଣନା ମିଳୁଅଛି । ପରବର୍ତ୍ତୀ ଦିନ ନବୀଶ୍ରେଷ୍ଠଙ୍କର ଅତି ସାଧା ଓ ସଭ୍ୟ ଓଲିମା (ବିବାହ ଭୋଜି)ର ଆୟୋଜନ କରାଗଲା । ସେହିସ୍ଥଳେ ତିନିଦିନ ଅବସ୍ଥାନ କରିବା ପରେ ଇସଲାମୀୟ ସେନା ସେଠାରୁ ପ୍ରସ୍ଥାନ କଲା । ହଜରତ ସଫିୟା ର.ଅଙ୍କର ମହର୍ (ଦେନିବର) ତାଙ୍କୁ ସ୍ୱାଧୀନ କରିବା (ଶୁଳ୍କ)ରେ ସ୍ଥିର ହେଲା । ଏହିସ୍ଥଳେ ହଜରତ ସଫିୟା ର.ଅଙ୍କର ଏକ ସ୍ୱପ୍ନର ମଧ୍ୟ ବର୍ଣ୍ଣନା ମିଳେ । ସେ କୁହନ୍ତି; ହୁଜୁର ସ.ଅଙ୍କ ଆଗମନର କିଛିଦିନ ପୂର୍ବରୁ ମୁଁ ସ୍ୱପ୍ନରେ ଦେଖିଲି ଯେ, **ୟସରବ୍ (ମଦିନା) ପାର୍ଶ୍ୱରୁ ଚନ୍ଦ୍ର ଆସି ମୋ ପଣତରେ ଖସି ପଡିଲା ।** ହଜରତ ସଫିୟା ର.ଅଙ୍କର ୫୦ହିଜ୍‌ରୀରେ ଦେହାନ୍ତ ହେଲା ଏବଂ ଜନ୍ନତୁଲ୍ ବକିରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା ।

ହଜରତ ସଫିୟା ର.ଅଙ୍କ ବିବାହ ସଂକ୍ରାନ୍ତରେ ପାଶ୍ଚାତ୍ୟ (ଇତିହାସବିତ୍) ମନ୍ଦ ଶୈଳୀରେ ଆପତ୍ତି କରିଥାନ୍ତି ଯେ, ଯେତେବେଳେ ନବୀଶ୍ରେଷ୍ଠ ହଜରତ ସଫିୟା ର.ଅଙ୍କ ସୌନ୍ଦର୍ଯ୍ୟତାର ପ୍ରଶଂସା ଶୁଣିବାକୁ ପାଇଲେ ସେତେବେଳେ ହଜରତ ଦହିୟା ର.ଅଙ୍କ ଠାରୁ ସଫିୟା ର.ଅଙ୍କୁ ଫେରସ୍ତ ମାଗି ସ୍ୱୟଂ ତାଙ୍କ ସହିତ ବିବାହ କରିନେଲେ । ଏହି ପରିପ୍ରେକ୍ଷୀରେ ପ୍ରିୟ ହୁଜୁର ଅନୱରଅ.ବ ପ୍ରଥମ ଖଲିଫା ର.ଅଙ୍କର ଏକ ଗଦ୍ୟାଂଶ ଉପସ୍ଥାପନ କଲେ, ସେତେବେଳେ ଆରବ ଦେଶରେ ଏହି ପରମ୍ପରା ପ୍ରଚଳିତ ଥିଲା ଯେ ଜୟ କରିଥିବା ଦେଶରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ ସେହି ଦେଶର ଲୋକମାନଙ୍କ ମଧ୍ୟରେ (ନିଜ ପ୍ରତି) ସ୍ନେହ ଆଦର ଉତ୍ପନ୍ନ କରିବା ସକାଶେ ଉକ୍ତ ଦେଶର ରାଜକନ୍ୟା ଅଥବା ରାଣୀ ସହିତ (ବିଜେତା) ବିବାହ କରୁଥିଲେ । ଏତଦ୍ ଦ୍ୱାରା ସମସ୍ତ ଜନତା ଓ ରାଜବଂଶ ଆଶ୍ୱସ୍ତ ହୋଇଯାଉଥିଲେ ।

ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଏହି ବିବାହ କରିବାର ଯେତେବେଳେ ନିଷ୍ପତ୍ତି ନେଲେ ସେତେବେଳେ ଆପଣଙ୍କର ମୂଳ ଉଦ୍ଦେଶ୍ୟ ଏହା ନଥିଲା, ଯାହାକି ବର୍ଣ୍ଣନା କରାଯାଉଛି । ବରଂ ମହାଭାଗଙ୍କର ଅସଲ ଉଦ୍ଦେଶ୍ୟ ଈଶ୍ୱରଙ୍କ ଆଦେଶ ପାଳନ କରିବା ଥିଲା । ହଜରତ ମୁହମ୍ମଦ ସ.ଅଙ୍କର ତ ପ୍ରତ୍ୟେକ କାର୍ଯ୍ୟ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ସମ୍ପନ୍ନ ହେଉଥିଲା । ଯେପରିକି ସ୍ୱୟଂ ଅଲ୍ଲାଃ କୁହନ୍ତି, କହିଦିଅ ! ଯେ ମୋର ଉପାସନା, ମୋର ବଳିଦାନ, ମୋର ଜୀବନ ଓ ମୋର ମୃତ୍ୟୁ କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ସକାଶେ ଉଦ୍ଦିଷ୍ଟ, ଯେ ସକଳ ଜଗତର ପାଳନକର୍ତ୍ତା । ଯିଏ ସମସ୍ତ କାର୍ଯ୍ୟ ପ୍ରଭୁଙ୍କ ସକାଶେ କରିଥାନ୍ତି ଏବଂ ଯାହାଙ୍କ ପାଦେ ପାଦେ ପରାକ୍ରମୀ ଅଲ୍ଲାଃ ସ୍ୱୟଂ ମାର୍ଗଦର୍ଶନ କରୁଥିଲେ । ସେ ଭଲା ଏପରି (ମହତ୍ୱପୂର୍ଣ୍ଣ) ନିଷ୍ପତ୍ତି ସ୍ୱୟଂ ନିଜ ଆଡୁ କିପରି ନେଇପାରିବ । ତେବେ ଏହି ବିବାହ ନିଶ୍ଚିତ ରୂପେ ଦୈବୀ ନିର୍ଦ୍ଦେଶକ୍ରମେ ହୋଇଥିଲା, ହଁ ସେଗୁଡ଼ିକର ପରିଣାମ ଅତ୍ୟନ୍ତ କଲ୍ୟାଣପ୍ରଦ ସିଦ୍ଧ ହେଲା । ହଜରତ ମସିହ ମଉଦଅ.ସ ସ୍ୱରଚିତ ପୁସ୍ତକ "ଆଇନା କମାଲାତେ ଇସଲାମ୍"ରେ ବର୍ଣ୍ଣନା କରନ୍ତି; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ସମ୍ବନ୍ଧରେ ସାହାବାଙ୍କ ମନରେ ନିର୍ଦ୍ଦ୍ୱନ୍ଦ ପୂର୍ଣ୍ଣ ଆସ୍ଥା ରହିଥିଲା ଯେ, ପୁଣ୍ୟଶ୍ଳୋକଙ୍କର କୌଣସି କାର୍ଯ୍ୟ ଓ କଥନ ଐଶ୍ୱୀବାଣୀ ବ୍ୟତୀରେକେ ନଥିଲା.. । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କହିଲେ; ସେ ସର୍ବଶକ୍ତିମାନ ଈଶ୍ୱରଙ୍କ ରାଣ ! ଯାହାଙ୍କ ହାତ ମୁଠାରେ ମୋର ଜୀବନ ନାଟିକା ରହିଛି, ମୋ ଦ୍ୱାରା ଯାହାକିଛି ସାଧିତ ହୋଇଥାଏ ତେଣିକି ତାହା ପ୍ରବଚନ ହେଉ ଅବା ବ୍ୟବହାରିକ (ଆଚରଣ) ସେ ସବୁକିଛି ପ୍ରଭୁଙ୍କ ଅନୁମତିକ୍ରମେ ହୋଇଥାଏ । ଯଦି ଏହା କୁହାଯାଏ କି ସେହି ହଦିସ୍

ଗ୍ରନ୍ଥଗୁଡ଼ିକରେ କେତେକ ପ୍ରସଙ୍ଗରେ ମହାଭାଗଙ୍କ ପ୍ରୟାସଗତ ତ୍ରୁଟିର ବର୍ଣ୍ଣନା ରହିଛି । ଯଦି ନବୀଶ୍ରେଷ୍ଠଙ୍କର ସମସ୍ତ କଥନ ଅବା କାର୍ଯ୍ୟଶୈଳୀ ଦୈବୀ ନିର୍ଦ୍ଦେଶ ଆଧାରରେ ଥିଲା ତେବେ ଭୁଲ କିପରି ହେଲା ? କ'ଣ ମହାଭାଗଙ୍କୁ ସେଥିରେ ପ୍ରତିଷ୍ଠିତ କରାଯାଇ ନଥିଲା । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହାର ଉତ୍ତର ଏହିକି ଯେ.. ଆମ୍ଭେ ଏହି ପ୍ରୟାସଗତ ତ୍ରୁଟିକୁ ମଧ୍ୟ ଦୈବୀବାଣୀ ଠାରୁ ପୃଥକ ମଣୁ ନାହୁଁ । କାରଣ ସେହି ନିଷ୍ପତ୍ତି ଏକ ସାଧାରଣ କଥା ନଥିଲା.. । କେତେକ ସମୟରେ ପରମେଶ୍ୱରଙ୍କ ଧାର୍ଯ୍ୟ ବିଧାନ ଅବତାରଙ୍କ ବୁଝାମଣା ଓ ଜ୍ଞାନକୁ ନିଜ ଅଧୀନ କରି ନେଇଥାଏ ସେତେବେଳେ କୌଣସି କାର୍ଯ୍ୟ ଅଥବା କଥନ ଭୁଲରେ ସେମାନଙ୍କ ଦ୍ୱାରା ସାଧିତ ହୋଇଥାଏ ଏବଂ ସେହି ଭେଦ ଯାହାକି ଜାଣିବୁଝି କରାଯାଏ ସେତେବେଳେ ଓ୍ୱହିର ଦରିଆ ତୀବ୍ର ବେଗରେ ପ୍ରବାହିତ ହୋଇଥାଏ ଏବଂ ସାଧିତ ହୋଇଥିବା ତ୍ରୁଟି ମଧ୍ୟ ଭାଗରୁ ଦୂର ହୋଇଯାଏ । ଯେପରିକି ତାହା କଦାପି ଘଟି ହିଁ ନଥିଲା.. । ସୁତରାଂ ଯେଉଁ ଅବସ୍ଥାରେ ଆମ୍ଭ ପ୍ରିୟ ମୁନିବ ଓ ସରଦାର ହଜରତ ମୁହମ୍ମଦ [ସ.ଅ]ଙ୍କର ଦଶ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକଳାପ ଅଥବା ନୀତିବାଣୀରେ ଐଶ୍ୱୀ ନିଦର୍ଶନର ଝଲକ ପ୍ରତିଫଳିତ ହେଉଅଛି । ଆପଣଙ୍କର ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣରେ ପବିତ୍ର ଆତ୍ମାର ପ୍ରକାଶ ଝଟକୁ ଅଛି । ଆଉ ଯଦି ସେଥିରେ ଗୋଟିଏ ଦୁଇଟି ପ୍ରସଙ୍ଗରେ ମାନବୀୟ (ତ୍ରୁଟିର) ଗନ୍ଧ ଆସେ ତେବେ ସେଥିରେ କ'ଣ ବା କ୍ଷତି ହୋଇଯିବ । ବରଂ ଏହା ତ ଜରୁରୀ ଥିଲା ଯେ, ମାନବୀୟ ଅଧିକାର ନିମନ୍ତେ କଦାଚିତ ଏପରି ଘଟିବା ମଧ୍ୟ ଅନିବାର୍ଯ୍ୟ । ଯଦ୍ଦ୍ୱାରା (ଲୋକେ) ଶିରକ୍ ଜନିତ ମହାପାପର ଶିକାର ହୋଇ ନଯାନ୍ତୁ ।

ସୁତରାଂ କୌଣସି ହଦିସ୍ ଅଥବା ଇତିହାସ ତଥା ଜୀବନୀର ପୁସ୍ତକରେ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ସମ୍ବନ୍ଧରେ କୌଣସି ବର୍ଣ୍ଣନା ରହିଥିଲେ, ତାହା ଉପର ଚର୍ଚ୍ଚିତ ପବିତ୍ର କୁରଆନ ଆୟତ ଆଲୋକରେ ଏବଂ ହଜରତ ମସିହ ମଉଦ [ଅ.ସ]ଙ୍କ ଆଲେଖ୍ୟ ପ୍ରକାଶରେ ଦେଖି ପରଖିବା ଉଚିତ୍ । ନା କି ଆରୋପ ଲଗାଇ ଓ ପ୍ରତ୍ୟେକ ପାଶ୍ଚାତ୍ୟ ଇତିହାସବିତ୍‌ଙ୍କ କଥାକୁ ଗ୍ରହଣ କରି ଏହା ମନେ କରିନେବ ଯେ, ଆମେ ନିରୁତ୍ତର ହୋଇ ଯାଇଛୁ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଦୁଇଦିନ ପରେ ପବିତ୍ର ରମଜାନ ମାସ ଆରମ୍ଭ ହେଉଅଛି । ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ଏଥିରୁ ପୂର୍ଣ୍ଣ ରୂପେ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ଏଥି ସକାଶେ ଦୁଆ ଏବଂ ଉଦ୍ୟମ ମଧ୍ୟ କରିବେ । ଖୁତ୍‌ବାର ପରିଶେଷରେ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଚୌଧରୀ ମୁହମ୍ମଦ ଅନଓ୍ୱର ରିୟାଜ୍ ସାହେବ ପିତା ଶ୍ରୀମାନ ଚୌଧରୀ ମୁହମ୍ମଦ ଇସଲାମ୍ ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ତାଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

28th February 2025

*Translated to Odia by :* Moulavi Anwar Ahmad Khan